## ୨ ବଖରା ଜଳିଗଲା

କୁଆମରା, (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅଧୀନ କୁଆମରା ପଞ୍ଚାୟତ ବାଲିଗଡ଼ିଆ ଗ୍ରାମରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ବଂଶୀଧର ସିଂଙ୍କ ୨ ବଖରା ଚାଳଘର ଜଳିଯାଇଛି। ଘର ଭିତରେ ଥିବା ଧାନ, ଚାଉଳ, ଆସବାବପତ୍ର ସହ ଦରକାରୀ କାଗଜ ପତ୍ର ପୋଡି ନଷ୍ଟ ହୋଇଯାଇଛି। ପୁରୁଣା ବାରିପଦା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ୍ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି।

# ଅଳିଆଗଦାରେ ଜୀବିକା ଖୋଜା

## ଅଲୋଡ଼ା ଆଜି ଛଉ କଳାକାର

**ବାରିପଦା ଅଫିସ, ୯।୧**

ରାଜା ରାଜୁଡ଼ା ଅମଳରୁ ଛଉନୃତ୍ୟକୁ ଆଦରି ଥିଲେ। ଭାରତର ବିଭିନ୍ନ ସ୍ଥାନରେ ଛଉନୃତ୍ୟ ବେଳେ ଢୋଲ ଓ ମହୁରି ବଜାଇ ବେଶ୍ ନାଁ କମାଇଥିଲେ। ୧୨ବର୍ଷ ବୟସରୁ ଛଉନୃତ୍ୟକୁ ନିଶା ଓ ପେସା ଭାବେ ଗ୍ରହଣ କରିଥିବା ମୟୂରଭଞ୍ଜ ଜିଲା ତେନ୍ତୁଳଡିଙ୍ଗା ଅଧୀନ ରଙ୍ଗିଆମ ସାହିର ଏହି ବର୍ଷୀୟାନ କଳାକାର ଭାନୁ ଘଡ଼େଇ(୭୦) ଆଜି ଅଲୋଡ଼ା ପାଲଟିଛନ୍ତି। ବଞ୍ଚିବା ପାଇଁ ଖୋଜୁଛନ୍ତି ରାହା। କଳାକାର ଭତ୍ତା ବାବଦକୁ ମାସକୁ ପାଉଥିବା ୧୨ଶହ ଟଙ୍କା ତାଙ୍କର ସାହାରା। କରୋନା ସମୟରେ ଛଉନୃତ୍ୟ ବନ୍ଦ ରହିଥିବାରୁ ନିଜ କଳା ବୃତ୍ତିରୁ ଦୂରେଇଯାଇ ଅଳିଆଗଦାରୁ କାଗଜ ପେଟି ସଂଗ୍ରହ କରି ଜୀବିକା ନିର୍ବାହ କରୁଛନ୍ତି।

ମହାରାଜା ପ୍ରଦୀପ ଚନ୍ଦ୍ର ଭଞ୍ଜଦେଓଙ୍କ ବିବାହ ସମୟରେ ଢୋଲ ଓ ମହୁରି ବଜାଇ ବାରିପଦାସ୍ଥିତ ହରିବଳଦେବ ଜୀଉ ମନ୍ଦିରଠାରୁ ବେଲଗଡ଼ିଆସ୍ଥିତ ପ୍ୟାଲେସକୁ ସେ ଶୋଭାଯାତ୍ରାରେ ଆଣିଥିଲେ। ବିଭିନ୍ନ ରାଜ୍ୟରୁ ଆସିଥିବା ରାଜାଙ୍କ ସମ୍ମୁଖରେ ଛଉନୃତ୍ୟର ବାଦ୍ୟ ବଜାଇ ପ୍ରଶଂସା ସାଉଁଟିଛନ୍ତି। ନାଗିନ୍ ଗୀତର ସ୍ୱରକୁ ମହୁରି ମାଧ୍ୟମରେ ପରିବେଷଣ କରି ରାଜାଙ୍କଠାରୁ ଟଙ୍କାର ହାର ଉପହାର ରୂପରେ ପାଇଥିଲେ। ଓଡ଼ିଶା ସମେତ ଦିଲ୍ଲୀ, ରାଜସ୍ଥାନ, ଗୁଜରାଟ, ପୁଣେ, ଗୋଆ ଆଦି ଶହେରୁ ଊର୍ଦ୍ଧ୍ୱ ସ୍ଥାନରେ ଛଉ ବାଦ୍ୟ ପରିବେଷଣ କରି ଜିଲା ପ୍ରଶାସନ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ସେ ବହୁବାର ସମ୍ମାନିତ ହୋଇଛନ୍ତି। ଦକ୍ଷିଣ ଓ ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନରେ ଭାନୁଙ୍କ ମହୁରି ବାଜିଲେ ମେଦିନୀ କମ୍ପିଥାଏ। ମହୁରି ଶବ୍ଦ ଶୁଣି ଦର୍ଶକଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଥାଏ। ପୂର୍ବପୁରୁଷଙ୍କ ବାଦ୍ୟ କଳାକୁ ଆଦରି ଯୁବାବସ୍ଥାରେ ମାସକୁ ୬୦ଟଙ୍କା ଦରମାରେ ଛଉ ବାଦ୍ୟ ପରିବେଷଣ କରୁଥିଲେ। ଏବେ ସେ ଦୁର୍ଦ୍ଦଶାରେ କାଳ କାଟୁଛନ୍ତି। ସରକାରଙ୍କ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଜୀବନଜୀବିକା ନିମନ୍ତେ ଆବର୍ଜନାରୁ କାଗଜପେଟି ସଂଗ୍ରହ କରି କେଜି ୧୦ଟଙ୍କାରେ ବିକ୍ରି କରୁଛନ୍ତି। ଏଥିରୁ ଦିନକୁ ମାତ୍ର ୪୦/୫୦ଟଙ୍କା ରୋଜଗାର କରୁଛନ୍ତି। ବୃଦ୍ଧା ସ୍ତ୍ରୀ ଭାରତୀଙ୍କୁ ୬୦ ପାର ହୋଇଥିବା ବେଳେ ପରିବାର ଭରଣପୋଷଣ ପାଇଁ ସେ ମଧ୍ୟ ପ୍ରୟାସ ଜାରି ରଖିଛନ୍ତି। ଦୁଇ ଝିଅଙ୍କ ବାହାଘର ପରେ ପୁଅର ରୋଜଗାର ତାଙ୍କ ପରିବାର ପାଇଁ ନିଅଣ୍ଟ ହୋଇପଡୁଛି। ବଂଶାନୁକ୍ରମିକ କଳାକୁ ଆପଣାଇ ପୁଅ ଟାରଜନ ମଧ୍ୟ ମହୁରି ଓ ଢୋଲକୁ ଆପଣାଇଛନ୍ତି। ସରକାର ଭାନୁଙ୍କ ପ୍ରତି ସହାୟ ହେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।


ଅଳିଆଗଦାରୁ କାଗଜପେଟି ସଂଗ୍ରହ କରୁଥିବା ଛଉ କଳାକାର ଭାନୁ ଘଡ଼େଇ।

## ସଂକ୍ଷେପରେ

### ପୋଡ଼ି ହୋଇ ଶ୍ରମିକଙ୍କ ମୃତ୍ୟୁ

ବଡବିଲ, ୯।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଲାଣୀ ଥାନା ଅନ୍ତର୍ଗତ ଧନୁର୍ଜୟପୁର ଗ୍ରାମସ୍ଥିତ ଏକ ପ୍ଲାଣ୍ଟରେ ଶନିବାର ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଶ୍ରମିକ ପୋଡ଼ିହୋଇ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ କୋହ୍ଲପାଣ୍ଡୁଳି ଗ୍ରାମର ଦେଶ ମୁଣ୍ଡା(୩୦)। ତେବେ ଘଟଣାକୁ ଚପାଇ ଦେବାକୁ ପ୍ଲାଣ୍ଟ କର୍ତ୍ତୃପକ୍ଷ ଉଦ୍ୟମ ଜାରି ରଖିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରବିବାର ସକାଳେ କୌଣସି ସୂତ୍ରରୁ ଖବରପାଇ ବଲାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ସୂଚନା ଅନୁଯାୟୀ, ଶ୍ରମିକ ଭାବେ ପ୍ଲାଣ୍ଟରେ କାର୍ଯ୍ୟରତ ଦେଶ ଡ୍ୟୁଟି ସାରି ତାଙ୍କର କେତେକ ସହଯୋଗୀଙ୍କ ସହ ପ୍ଲାଣ୍ଟ ଗେଟ ସମ୍ମୁଖରେ ନିଆଁପୁଇଁ ହେଉଥିଲେ। ଦେଶଙ୍କର ମୂର୍ଚ୍ଛା ରୋଗ ଥିବାବେଳେ ହଠାତ ସେ ନିଆଁ ଭିତରକୁ ପଡିଯାଇଥିଲେ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ପୋଲିସ ଅଧିକାରୀ ବିଦେଶୀ ବାଗ ସୂଚନା ଦେଇଛନ୍ତି।

### କାର୍ ଓଲଟି ୨ ଗୁରୁତର

ସୋର,୯।୧(ଡି.ଏନ୍.ଏ): ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଜାତୀୟ ରାଜପଥ ରେଲଓଭର ବ୍ରିଜ୍ ନିକଟରେ ରବିବାର ସନ୍ଧ୍ୟାରେ ଏକ କାର୍ ଓଲଟି ପଡ଼ିବାରୁ ଜଣେ ମହିଳାଙ୍କ ସମେତ ୨ଜଣ ଗୁରୁତର ହୋଇଛନ୍ତି। ବାଲେଶ୍ୱରରୁ ଯାଜପୁର ଅଭିମୁଖେ ଯାଉଥିବା କାର୍‌ଟିର ଆଗ ଚକ ଫାଟିଯିବାରୁ ଏହି ଦୁର୍ଘଟଣା ଘଟିଥିଲା। ଆହତ ଦ୍ୱୟ ହେଲେ ଯାଜପୁର ରଘୁନାଥପୁର ଅଞ୍ଚଳର ସୁରେଶ କୁମାର ସାହୁ ଓ ସଞ୍ଜୁଲତା ସ୍ୱାଇଁ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବାଲେଶ୍ୱର ଡାକ୍ତରଖାନା ପଠାଇଛନ୍ତି।

### ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ

ଭଦ୍ରକ ଅଫିସ,୯।୧-ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ମୁଖ୍ୟ ଅଧ୍ୟାପକ ଡ. ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ ନବାଗତା ସ୍ନାତକ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ତୀର୍ଥବାସୀ ଦାସ ଯୋଗଦେଇ ସଭାକୁ ଉଦ୍‌ଘାଟନ କରି ଛାତ୍ରୀମାନଙ୍କ ଭବିଷ୍ୟତ ବିଷୟରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ଅଧାପିକା ଅନିତାରାଣୀ ବାରିକ, ମଧୁବ୍ରତା ମଲ୍ଲିକ, ଗଣିତ ବିଭାଗ ଅଧାପିକା ସୌଦାମିନୀ ରାଉତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

### ୬୦ ପ୍ରକଳ୍ପର କାର୍ଯ୍ୟାଦେଶ ପ୍ରଦାନ

ଜଳେଶ୍ୱର,୯।୧(ଡି.ଏନ.ଏ): ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକାରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା)ରେ ବିଭିନ୍ନ ଅଞ୍ଚଳରେ ହେବାକୁଥିବା ୬୦ଟି ପ୍ରକଳ୍ପର କାର୍ଯ୍ୟାଦେଶ ମିଶନ ଶକ୍ତିର ସ୍ୱୟଂସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଛି। ସରକାରଙ୍କ ନୂତନ ନିୟମ ଅନୁଯାୟୀ ଉନ୍ନୟନ ମୂଳକ କାର୍ଯ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠୀ ମିଶନ ଶକ୍ତି ଓ ଶ୍ରମ ଡେଭ୍‌ଲପ୍‌ମେଣ୍ଟ ଏଜେନ୍ସି ଜରିଆରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ହେବାର ସ୍ଥିର ହୋଇଛି। ସେହି ଅନୁଯାୟୀ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ୬୦ଟି ପ୍ରକଳ୍ପର ଉନ୍ନୟନ କାର୍ଯ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀକୁ ପ୍ରଦାନ କରିଛନ୍ତି। ମୋଟ ୨କୋଟି୯୩ ଲକ୍ଷ ଟଙ୍କାର କାର୍ଯ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦିଆଯିବା ସମ୍ପର୍କରେ ନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର ବୈଠକରେ ସୂଚନା ଦେଇଛନ୍ତି।

### ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ କଲେ ବିଧାୟକ

ପଦ୍ମପୁର, ୯।୧(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଦ୍ୱାରା ବ୍ଲକର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଯାଇଛି। ପଦ୍ମପୁରଠାରେ ମିଶନ ଶକ୍ତି ଗୃହ ଉଦ୍‌ଘାଟନ, ସନାନ୍ଦପୁରଠାରେ ଧଳା ନଦୀ ଉପରେ ବିଜୁ ସେତୁ ଯୋଜନାରେ ୫.୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ପୋଲ, ବାଲିମେଦ ପଞ୍ଚାୟତରେ ୨.୧୭ କୋଟି ବ୍ୟୟରେ ହେବାକୁ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ, କରଞ୍ଜଆଡ଼ିଆ ନବଘନ ମହାବିଦ୍ୟାଳୟଠାରୁ ବୁଢ଼ୀଛକ ଭାୟା ବ୍ରଜାନନ୍ଦପୁର ପୂର୍ତ୍ତ ବିଭାଗ ରାସ୍ତା ୨.୧୧ କୋଟି ବ୍ୟୟରେ ହେବାକୁ ଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କର ଶିଳାନ୍ୟାସ କରିଛନ୍ତି ବିଧାୟକ। ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ସରପଞ୍ଚ ସ୍ନେହପ୍ରଭା ବିଶ୍ୱାଳ, ପ୍ରଫୁଲ୍ଲ କୁମାର ପଲିତା, ମାମିନା ମିଶ୍ର, ଦୀନବନ୍ଧୁ ଦାସ, ସମିତିସଭ୍ୟ ବନଜ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ସତ୍ୟରଞ୍ଜନ ନାୟକ, ରତିକାନ୍ତ ଦଳେଇ, ରାଜୁ ନାୟକ, ଓମ୍‌ପ୍ରକାଶ ନାୟକ, ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଦ ରହିବ ସବୁ ଧର୍ମାନୁଷ୍ଠାନ

**ବାଲେଶ୍ୱର ଅଫିସ,୯।୧**

ମହାମାରୀ କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲାର ସମସ୍ତ ଧର୍ମାନୁଷ୍ଠାନ ବନ୍ଦ ରଖିବାକୁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି। ରବିବାରଠାରୁ ଆସନ୍ତା ଫେବୃୟାରୀ ୧ତାରିଖ ପର୍ଯ୍ୟନ୍ତ ଜିଲାରେ ଥିବା ସମସ୍ତ ମନ୍ଦିର, ମସଜିଦ୍ ଓ ଗୁରୁଦ୍ୱାର ପ୍ରମୁଖ ଧର୍ମାନୁଷ୍ଠାନ ବନ୍ଦ ରଖିବାକୁ ଅଫିସ୍ ଚିଠି ନଂ.୧୦୮ରେ ଜିଲାପାଳ ଏହି ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଛନ୍ତି।

ଜିଲାର ଚନ୍ଦନେଶ୍ୱର ମନ୍ଦିର, ଭୂଷଣ୍ଡେଶ୍ୱର ମନ୍ଦିର, କ୍ଷୀରଚୋରା ଗୋପୀନାଥ ମନ୍ଦିର, ପଞ୍ଚଲିଙ୍ଗେଶ୍ୱର, ନୀଳଗିରି ଜଗନ୍ନାଥ ମନ୍ଦିର, ଇମାମୀ ଜଗନ୍ନାଥ ମନ୍ଦିର, ସଜନାଗଡ଼ ଭୁଦାର ଚଣ୍ଡୀ ମନ୍ଦିର, ଝାଡ଼େଶ୍ୱର ମନ୍ଦିର, ରାମେଶ୍ୱର ମନ୍ଦିର ଆଦି ଜନସାଧାରଣଙ୍କ ପାଇଁ ବନ୍ଦ ରହିବ। କେବଳ ସର୍ବନିମ୍ନ ପୁରୋହିତ,ସେବାୟତ ଏବଂ କର୍ମଚାରୀଙ୍କ ସହିତ ନୀତିକାନ୍ତି ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମନ୍ଦିର ଭିତରକୁ ଯିବାକୁ ଅନୁମତି ରହିଛି।

# ଭାଜପାର ମୌନ ଧାରଣା

**ବାଲେଶ୍ୱର ଅଫିସ,୯।୧**

ବାଲେଶ୍ୱର ସହର ସିନେମା ଛକ ସହିଦ ପାର୍କ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଜିଲା ଭାଜପା ଓ ସ୍ୱଚ୍ଛ ଭାରତ ଅଭିଯାନ ପକ୍ଷରୁ ରବିବାର ମୌନ ଧାରଣା ଦିଆଯାଇଥିଲା। ପଞ୍ଜାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍‌କେଟକୁ ଅଟକାଇ ଆକ୍ରମଣର ଷଡ଼ଯନ୍ତ୍ର କରାଯାଇଥିବା ପ୍ରତିବାଦରେ ଏହି ଧାରଣା ଦିଆଯାଇଥିଲା। ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସ୍ୱଚ୍ଛ ଭାରତ ଅଭିଯାନର ଜିଲା ସଂଯୋଜକ କମଳ ଲୋଚନ ଦାସଙ୍କ ସଂଯୋଜନାରେ ଜିଲାର ବହୁ ପଦାଧିକାରୀ ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ଧାରଣାରେ ସାମିଲ ହୋଇଥିଲେ। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ପୂର୍ବତନ ଜିଲାସଭାପତି ଲମ୍ବୋଦର ନାୟକ, ମହିଳା ମୋର୍ଚ୍ଚାର ରାଜ୍ୟ ଉପସଭାନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ସସ୍ମିତା ଚାନ୍ଦ, ଜିଲା ଯୁବ ମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ନଗର ମଣ୍ଡଳ ସଭାପତି ଚିତ୍ତରଞ୍ଜନ ପଣ୍ଡା, ଜିଲା ଯୁବମୋର୍ଚ୍ଚା ଉପସଭାପତି ସୁବୋଧ ଚନ୍ଦ୍ର ପଣ୍ଡା, ମହିଳା ମୋର୍ଚ୍ଚା ତରଫରୁ ଅଭିପ୍ସା ନାୟକ ପ୍ରମୁଖ ଧାରଣାରେ ଅଂଶଗ୍ରହଣ କରିଥିଲେ। ସେହିପରି ବସ୍ତା ଗାନ୍ଧୀ ଛକରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଭାଜପା ତରଫରୁ ମୌନ ଧାରଣା ଦିଆ ଯାଇଥିଲା।



ମୌନ ଧାରଣାରେ ବସିଥିବା ଭାଜପା କାର୍ଯ୍ୟକର୍ତ୍ତା।

# କେନ୍ଦୁଝରରେ ରେଲୱେର ବିକାଶ ଲାଗି ରେଳମନ୍ତ୍ରୀଙ୍କୁ ଦାବିପତ୍ର

**କେନ୍ଦୁଝର,୯।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ରେଲୱେର ବିକାଶ ଲାଗି ବିଭିନ୍ନ ସଂଗଠନ ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଜିଲାରୁ ଲୌହ ପଥର ପରିବହନ କରି ଭାରତୀୟ ରେଳ ବିପୁଳ ରାଜସ୍ୱ ଆୟ କରୁଥିଲେ ମଧ୍ୟ କେନ୍ଦୁଝର ବାସୀଙ୍କୁ ସର୍ବଦା ରେଳ ସେବା ଯୋଗାଇବା କ୍ଷେତ୍ରରେ ଅବହେଳା କରି ଆସୁଛି। ରେଳସେବା କ୍ଷେତ୍ରରେ କେନ୍ଦୁଝରବାସୀଙ୍କ ସୁବିଧାପାଇଁ ପୁରୀ-ବଡ଼ବିଲ-ରାଉରକେଲା ଟ୍ରେନ ଦୈନିକ ଚଳାଚଳ କରିବା, ସୁକିନ୍ଦା-ଯାଜପୁର ରୋଡ଼ ବାଇପାସ୍ ଲାଇନ ସମ୍ପୂର୍ଣ୍ଣ ହୋଇସାରିଛି। ଏଣୁ କେନ୍ଦୁଝର-କୋଲକାତା ଦୈନିକ ରେଳ ଚଳାଚଳର ବ୍ୟବସ୍ଥା କରାଯିବା, ଟାଟା ବିଶାଖାପାଟଣା ସପ୍ତାହକୁ ଥରେ ପରିବର୍ତ୍ତେ ଦୈନିକ ଚଳାଚଳର ବ୍ୟବସ୍ଥା, ଭୁବନେଶ୍ୱର-କେନ୍ଦୁଝର ନୂଆଦିଲ୍ଲୀ ଯାତ୍ରୀବାହୀ ଟ୍ରେନର ବ୍ୟବସ୍ଥା କରିବା, ରେଳ ଷ୍ଟେଶନରେ ସିସିଟିଭି ଓ ଏଟିଏମ୍ କାଉଣ୍ଟର ବ୍ୟବସ୍ଥା କରାଯିବା, କେନ୍ଦୁଝର ରେଳ ଷ୍ଟେଶନ ପରିସରରେ ସଂରକ୍ଷିତ ଟିକେଟ କାଉଣ୍ଟର ବ୍ୟବସ୍ଥା କରିବା,ବାଉଁଶପାଣି-ବଡ଼ବିଲ ରେଳଲାଇନ୍ ସଂଯୋଗ କରାଯିବା, କେନ୍ଦୁଝର-ଯାଜପୁରରୋଡ଼ ଦେଇ ଦୈନିକ ୩ଥର ମେମୁ ଟ୍ରେନ ଚଳାଚଳ କରାଯିବା, କେନ୍ଦୁଝରଗଡ଼ରେ କୋଚିଂ ଟ୍ରେନକୁ ଉତ୍ତମ ଜଳ ଯୋଗାଣ ବ୍ୟବସ୍ଥା କରାଯିବା ପାଇଁ ଜିଲାର ବିଭିନ୍ନ ସଂଗଠନ ପକ୍ଷରୁ ଡାକଯୋଗେ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

## ବିଦ୍ୟୁତ୍ କର୍ମଚାରୀଙ୍କୁ ନେଇ ସମ୍ମିଳନୀ

**ବାରିପଦା ଅଫିସ,୯।୧**

ମୟୂରଭଞ୍ଜ ଜିଲା ନେସ୍କୋ ପାୱାର ଏମ୍ପ୍ଲଇଜ ୟୁନିୟନ ପକ୍ଷରୁ କଳାବାଡିଆ ଠାରେ ବିଦ୍ୟୁତ୍ କର୍ମଚାରୀମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଂଘର ଉପ ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଶତାଧିକ କର୍ମଚାରୀ ଉପସ୍ଥିତ ରହି ଠିକା କର୍ମଚାରୀଙ୍କୁ ସର୍ବନିମ୍ନ ୨୦ହଜାର ଟଙ୍କା ଦରମା, ୨୫ପ୍ରତିଶତ ନୂତନ ବେତନ ବୃଦ୍ଧିକୁ ଟିପିଏନଓଡିଏଲ୍ ପକ୍ଷରୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି । ଏହା ସହିତ ପରିଚୟପତ୍ର ପ୍ରଦାନ, ଦୁର୍ଘଟଣା ବୀମା ୧୫ଲକ୍ଷ ଓ ସାଧାରଣ ମୃତ୍ୟୁ ଘଟିଲେ ପରିବାରରୁ ଜଣକୁ ଚାକିରୀ ସହିତ ସର୍ବନିମ୍ନ ୫ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି ହୋଇଛି। ସଂଘର ଦେବାଶିଷ ବେହେରା, କୃଷ୍ଣପଦ ମହାନ୍ତ, ଏମ.ଡି ରହେମାନ ଆଲାମ, ପ୍ରବୀର କୁମାର ମହାପାତ୍ର, ମହେନ୍ଦ୍ର ସାହୁଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ରାସ୍ତା ଶିଳାନ୍ୟାସ କଲେ ପର୍ଯ୍ୟଟନ ମନ୍ତ୍ରୀ

**ଭଦ୍ରକ ଅଫିସ, ୯।୧**

ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ବିକାଶ ପାଇଁ ରାଜ୍ୟ ସରକାର ସଦାସର୍ବଦା ଚେଷ୍ଟିତ। ଭଦ୍ରକ ଜିଲା ଧାମନଗର ବ୍ଲକର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଗତ ଖଡ଼ିପଦା-ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ୫ କି.ମି. ରାସ୍ତାର ୩ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରଶସ୍ତି ଓ ଉନ୍ନତୀକରଣ ପାଇଁ ଶିଳାନ୍ୟାସ ଅବସରରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହି ମତବ୍ୟକ୍ତ କରିଛନ୍ତି। ଧାମନଗର ପଞ୍ଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ, ତହସିଲଦାର କ୍ଷୀରୋଦ ଚନ୍ଦ୍ର ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ-୨ ଭଦ୍ରକର ଅଧୀକ୍ଷଣ ଯନ୍ତ୍ରୀ ଦୁର୍ଗାପ୍ରସାଦ କରଣ, ସହକାରୀ ନିର୍ବାହୀ ଅଧିକାରୀ ଅଲେଖ ଚନ୍ଦ୍ର ସାହୁ, ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସାହୁ, ସମିତିସଭ୍ୟ ହରେକୃଷ୍ଣ ପାଢ଼ୀ, ପ୍ରଦୀପ ମଲ୍ଲିକ, ଏମ୍‌ପି ପ୍ରତିନିଧି ନାରାୟଣ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ୪ କୋଟି ବ୍ୟୟ ଅଟକଳରେ ଝାଟିଆସାହି- ମଙ୍ଗଳପୁର ୭ କି.ମି. ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ନିମନ୍ତେ ଶିଳାନ୍ୟାସ କରାଯାଇଛି। ଏହି ପରିପ୍ରେକ୍ଷୀରେ ଝାଟିଆସାହିଠାରେ ଅନୁଷ୍ଠିତ ଉତ୍ସବରେ ପଞ୍ଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକଙ୍କ ସଭାପତିତ୍ୱ କରିଥିଲେ। ମନ୍ତ୍ରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର ଲୋକକଳା ଗ୍ରାମ ଝାଟିଆସାହିଠାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ଏକ ନାଟମଣ୍ଡପ କରାଯିବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଜିଲା ଲୋକକଳା ସମିତି ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ କୃତଜ୍ଞତା ଜ୍ଞାପନ କରିଥିଲେ।


ଝାଟିଆସାହିଠାରେ ଅନୁଷ୍ଠିତ ସଭାରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

# ବିଧାୟିକାଙ୍କ ଦ୍ୱାରା ରାସ୍ତା ଭିତ୍ତିପ୍ରସ୍ତର


ବିଧାୟିକା ମୀନାକ୍ଷୀ ମହାନ୍ତଙ୍କ ଦ୍ୱାରା ଭିତ୍ତିପ୍ରସ୍ତର କରାଯାଉଛି।

**ଚମ୍ପୁଆ, ୯।୧ (ଡି.ଏନ.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ସବଡିଭିଜନରେ ଅବସ୍ଥିତି ଭିନ୍ନଭିନ୍ନ ୩ଟି ସ୍ଥାନରେ ରବିବାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ପାଇଁ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଜନ ବିଭାଗ ତରଫରୁ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଉକ୍ତ ରାସ୍ତା ଗୁଡିକ ହେଲା ନନ୍ଦପୁରଠାରୁ ଜାଲି ଯାଏ ୪.୮୫ ଲକ୍ଷ, କରିଆ ଠାରୁ ରିମୁଳି ରାସ୍ତା ଯାଏଁ ଅରଡେଇ ନଦୀଦେଇ ମୁଖ୍ୟମନ୍ତ୍ରୀ ସଡକ ଓ ସେତୁ ପାଇଁ ୧୨୦୫.୩୦ଲକ୍ଷ, ବାସୁଦେବପୁର ଠାରୁ ଧୋବାକୁଚିଡା ନିମନ୍ତେ ୫୮୩.୫୫ ଲକ୍ଷ୍ୟ ବ୍ୟୟ ବରାଦ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଫୁଲ ମିଶ୍ର, ଚମ୍ପୁଆ ବ୍ଲକ ସଭାପତି ଅଶୋକ ମହାନ୍ତ, ଛାତ୍ର ଯୁବ ବ୍ଲକ ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ସହିତ ବହୁ କର୍ମି ଏଥିରେ ଯୋଗ ଦେଇଥିଲେ।

## ବରିପଦା, ବିଷ୍ଣୁପୁରରେ ଖୋଲିଲା ଧାନମଣ୍ଡି

**ବାହାନଗା,୯।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକର ବରିପଦା ଓ ବିଷ୍ଣୁପୁର ସେବା ସମବାୟ ସମିତିରେ ଶନିବାର ଧାନ ମଣ୍ଡି ଖୋଲଛି। ସୋର ବିଧାୟକ ପର୍ଶୁରାମ ଧଡ଼ା ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ନିବେଦିତା ନାୟକଙ୍କ ସମେତ ବିଜେଡି ବ୍ଲକ ସଭାପତି ଅଜୟକୁମାର ପଣ୍ଡା, ଗିରିଶ ଚନ୍ଦ୍ର ଦାଶ, ଚାଷୀ କମିଟିର ସଭ୍ୟ, ଆରୁହାବାଡ଼ ପଞ୍ଚାୟତର ସରପଞ୍ଚ ଶିଶିର ଅଗସ୍ତି, ଦେବେନ୍ଦ୍ର ତ୍ରିପାଠୀ, ପ୍ରଭାକର ପଣ୍ଡା, ସୋମନାଥ ଦାସ, ସମିତିର ସମ୍ପାଦକ ସନ୍ଦୀପ୍ କୁମାର ପାଢୀ ଓ ମିଲରଙ୍କ ପ୍ରତିନିଧି ଅଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୧୧ ଚାଷୀଙ୍କଠାରୁ ୨୭୨ କୁଇଣ୍ଟାଲ ଧାନ କିଣା ଯାଇଥିଲା। ସେହିପରି ବିଷ୍ଣୁପୁର ସେବା ସମବାୟ ସମିତିରେ ୯ ଚାଷୀଙ୍କଠାରୁ ୨୭୦ କୁଇଣ୍ଟାଲ ଧାନ କିଣାଯାଇଛି । ସେଠାରେ ମଧ୍ୟ ବିଧାୟକ ଧଡ଼ା ଉଦଘାଟନ କରିଥିବା ବେଳେ ଚାଷୀ କମିଟି ଓ ସମିତିର ସମ୍ପାଦକ ତପନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଖଇରା ଭାଜପାର ବନ୍ଧୁମିଳନ

**ଖଇରା,୯।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଭାଜପା ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଦଳୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ରାଜେଶ କୁମାର ରାଉତ ଏଥିରେ ଅଧକ୍ଷତା କରିଥିଲେ । ଯୁବନେତା ନିଳମାଧବ ପଣ୍ଡା,କୁପାରୀ ମଣ୍ଡଳ ସଭାପତି ପତିତପାବନ କର,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ବେହେରା,ବରିଷ୍ଠ ନେତା ସନ୍ତୋଷ କୁମାର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ । ୨୦୨୨ରେ ଭାଜପା ସିମୁଳିଆ ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତ,୭ଟି ଜିଲା ପରିଷଦ, ୨ଟି ଯାକ ପଞ୍ଚାୟତ ସମିତି ଦଖଲ କରିବ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ। ମାୟାଧର କୁଅଁର, ଜିଲା କାର୍ଯ୍ୟକାରିଣୀ ସଭ୍ୟ ଅଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

# ଏୟାରଷ୍ଟ୍ରିପ୍ ପାଇଁ ଉଚ୍ଛେଦକୁ ବିରୋଧ

## ଧାରଣା ଦେଲେ ବିସ୍ଥାପିତ

**ପଦ୍ମପୁର, ୯।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମୁଣ୍ଡା ପଞ୍ଚାୟତରେ ହେବାକୁ ଥିବା ଏୟାରଷ୍ଟ୍ରିପ୍ ପାଇଁ ପ୍ରଶାସନ ପକ୍ଷରୁ ଅଧିଗ୍ରହଣ କରାଯାଇଥିବା ଜମିରେ ଦଖଲ ଉଚ୍ଛେଦ ଉଦ୍ୟମ ବିଫଳ ହୋଇଛି। ଜନସାଧାରଣଙ୍କ ଦାବି ଆଗରେ ହାର୍ ମାନିଛି ପ୍ରଶାସନ। ପୂର୍ବରୁ ଜମି ଅଧିଗ୍ରହଣ ସରିଥିବା ବେଳେ ବିସ୍ଥାପିତ ହୋଇଥିବା ନନ୍ଦପାଟଣା, ଚମ୍ପୁଆଡ଼ିଆ, ବଡ଼ହାବେଳୀସାହିର ପରିବାର ପ୍ରତି ଘରକୁ ୨୫ ଡିସିମିଲ ଜାଗା, ଗୃହ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ନିଯୁକ୍ତି ଦେବାକୁ ଦାବି କରିଆସୁଥିଲେ। ଦାବି ପୂରଣ ନ ହେଲେ ସେମାନେ ଏୟାରଷ୍ଟ୍ରିପ୍ ନିର୍ମାଣ କାର୍ଯ୍ୟକୁ ବିରୋଧ କରିବେ ବୋଲି ଚେତାବନୀ ଦେଇଥିଲେ। ଶନିବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ ବେଳେ ସେମାନେ ଏହାକୁ ବିରୋଧ କରିଛନ୍ତି।

ବାସୁଦେବପୁର ତହସିଲଦାର ଅନିତା ନାୟକ, ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାର, ଉପଜିଲାପାଳ ମନୋଜ କୁମାର ପାତ୍ର, ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ, ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଦଖଲ ଉଚ୍ଛେଦ ପାଇଁ ବାଲିମୁଣ୍ଡାଠାରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ବିସ୍ଥାପିତ ଓ ଜନସାଧାରଣ ଦାବି ପୂରଣ ନ ହେଲେ ସେମାନେ କାର୍ଯ୍ୟ କରିବାକୁ ଦେବେ ନାହିଁ ବୋଲି କହିବା ସହ ପ୍ରସ୍ତାବିତ ସ୍ଥାନକୁ ଯିବା ରାସ୍ତାରେ ଧାରଣାରେ ବସିଥିଲେ। ଏନେଇ ଅଧିକାରୀମାନେ ଧାରଣାରତ ଜନସାଧାରଣଙ୍କୁ ବୁଝାଇ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିସ୍ଥାପିତମାନେ ସେମାନଙ୍କ ଦାବି ନେଇ ସୋମବାର ଜିଲାପାଳଙ୍କୁ ସାକ୍ଷାତ କରିବେ ବୋଲି ସିଦ୍ଧାନ୍ତ ନେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।


ବିସ୍ଥାପିତମାନେ ଧାରଣା ଦେଇଛନ୍ତି।

